ISSN: 2456-9194, Vol. III, Issue. IV, March 2020

# ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ଲୋକ ଉପାଦାନ ପ୍ରୟୋଗରେ ନାଟ୍ୟକାର ବିଜୟ କୁମାର ଶତପଥୀ

**ଶୁଚିସ୍ମିତା ମହାରଣା**

ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ,

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର – ୭୫୧୦୦୪

Email: suchismita.moharana@gmail.com

***ସାରମର୍ମ*** *: ନାଟ୍ୟକାର ବିଜୟ କୁମାର ଶତପଥୀ ୧୯୭୨ ମସିହାରୁ ନାଟକ ରଚନା କ୍ଷେତ୍ରରେ ମନୋନିବେଶ କରିଛନ୍ତି । ସେ ଏକାଧାରାରେ ନାଟ୍ୟକାର ଓ ସମାଲୋଚକ । ଓଡ଼ିଆ ନାଟକ କ୍ଷେତ୍ରରେ ଲୋକଉପାଦାନର ପ୍ରୟୋଗ ଘଟିଛି ୧୯୭୧ । ୧୯୮୦ରେ ନାଟ୍ୟକାର ତାଙ୍କ ନାଟକରେ ଲୋକ ଉପାଦାନର ସଂଯୋଗ ଘଟାଇଛନ୍ତି । ନାଟ୍ୟକାର ନାଟକର ବାର୍ତ୍ତାକୁ ଅଧିକ ହୃଦୟଗ୍ରାହୀ କରିବା ପାଇଁ ଲୋକଉପାଦାନର ଗୌରବକୁ ଆଙ୍ଗିକ ଭାବରେ ପୁଣି ଆତ୍ମିକ ସଂପଦ ଦୃଷ୍ଟିରୁ ଗ୍ରହଣ କରିଛନ୍ତି । ଲୋକପ୍ରିୟ ଉପାଦାନ ସହ ଲୋକଉପାଦାନର ସଂଯୋଗ ଘଟାଇ ସେ ଆଧୁନିକ ଓଡ଼ିଆ ନାଟକକ ନୂତନ ପ୍ରାଣଶକ୍ତି ଦେଇଛନ୍ତି ।*

*ପ୍ରମୁଖ ଶବ୍ଦ : ବିଜୟ କୁମାର ଶତପଥୀ, ଲୋକ ନାଟକ, ଯାତ୍ରା, ତାମ୍‌ସା, ଲୋକଉପାଦାନ, ସାଂପ୍ରତିକ ।*

"କର୍ମଣୈବ ହି ସଂସିଦ୍ଧି ମାସ୍ଥିତା ଜନକାଦୟଃ ।
ଲୋକସଂଗ୍ରହମେବାପି ସଂଷଶ୍ୟନ୍ କର୍ତ୍ତୁମର୍ହସି ।"
(ଶ୍ରୀମଦ୍‌ଭଗବତ ଗୀତା, ତୃତୀୟ ଅଧ୍ୟାୟ, ଦ୍ୱିତୀୟ ଶ୍ଳୋକ)

'ଶ୍ରୀମଦ୍ ଭଗବତ ଗୀତା'ରେ ଲୋକ ଶବ୍ଦକୁ ସମୂହ ଅର୍ଥରେ ଗ୍ରହଣ କରାଯାଇଛି । ଲୋକ ଉପାଦାନ ହେଉଛି ଗୋଷ୍ଠୀବଦ୍ଧ ଜୀବନଯାପନ କରୁଥିବା ମଣିଷର ଚାଲିଚଳଣ, ବ୍ୟବହାର, ବିଶ୍ୱାସ, ମୂଲ୍ୟବୋଧ ଓ ସର୍ବୋପରି ଜୀବନଚର୍ଯ୍ୟାର ସାମଗ୍ରିକ ରୂପରେଖ । ମୌଖିକ ପରମ୍ପରାରେ (Oral Tradition) କାଳକାଳ ଧରି ତିଷ୍ଠି ରହିଥିବା ଲୋକ ସାହିତ୍ୟ ହେଉଛି ଏହି ଲୋକ ଉପାଦାନଗୁଡ଼ିକର ବାଙ୍ମୟ ରୂପ । ଏହା ଥିଲା ଜନସାଧାରଣଙ୍କ ମନୋରଂଜନ ପାଇଁ କେଉଁ ଆଦିମ କାଳରୁ ଲୋକମୁଖରୁ ଲୋକମୁଖକୁ ସଂପ୍ରସାରିତ ହୋଇ ସାହିତ୍ୟର ଧାରା ପରମ୍ପରା କ୍ରମେ ଗଢିଆସୁଛି । ଏହାର ବିଭିନ୍ନ ଅଂଶ କାହାଣୀ ଆକାରରେ, ନାଟକ ଆକାରରେ ପୁଣି ସଂଗୀତ ଆକାରରେ ଆତ୍ମପ୍ରକାଶ କରିଛି । ଏହା ସହିତ ଏହାର ସାମାଜିକ ସାଂସ୍କୃତିକ ନିର୍ଯ୍ୟାସ, ପ୍ରବାଦ, ପ୍ରବଚନ ଓ ଢ଼ଗଢ଼ମାଳି ଆକାରରେ ଦେଖାଦେଇଛି ।

ଲୋକନାଟକ ଲୋକସାହିତ୍ୟର ଏକ ବଳିଷ୍ଠ ବିଭାଗ । ଲୋକ ମନୋରଂଜନ ଏହାଏକ ପ୍ରଧାନ ମାଧ୍ୟମ । ଦିନଥିଲା କେବଳ ଲୋକନାଟକ ହିଁ ଜନ ସମାଜରେ ରାଜପଣ କରୁଥିଲା। କାରଣ ଏହା ଥିଲା ଜନସାଧାରଣଙ୍କର, ଜନସାଧାରଣଙ୍କ ପାଇଁ ଏବଂ ଜନସାଧାରଣଙ୍କ ଦ୍ୱାରା ପରିବେଷିତ ତଥା ବହୁଳ ମାତ୍ରାରେ ଆଦୃତ ନାଟକ । ବିଧିବଦ୍ଧ ଭାବେ ନାଟକ ଆସିବା ପରେ, ସଭ୍ୟତାର ନବୀକରଣ ପରେ ପରେ, ଲୋକନାଟକର ସୁଅ କିଛିଟା ଧିମେଇଗଲା । ଆଧୁନିକ ପରୀକ୍ଷାମୂଳକ ନାଟକ ଜନସାଧାରଣଙ୍କୁ ଆନନ୍ଦ ଦେବାରେ ଅକ୍ଷମ ହେବାରୁ ବାଧ ହୋଇ ନାଟ୍ୟକାରଗଣ ଲୋକନାଟକରୁ ମୁହଁ ଫେରେଇଲେ । ତେଣୁ ଆଧୁନିକ ନାଟକରେ ଲୋକନାଟକର ଆଙ୍ଗିକ ଓ ଆତ୍ମିକ ବିଭବକୁ ନେଇ ବିବିଧ ପରୀକ୍ଷାନିରୀକ୍ଷା କରାଗଲା । ଫଳସ୍ୱରୂପ କେବଳ ଗ୍ରାମୀଣ ପରିବେଶ ଭିତରେ ସୀମାବଦ୍ଧ ହୋଇଯାଉଥିବା ଦାସକାଠିଆ, ପାଲା, ଗୀତିନାଟ୍ୟ, ଯାତ୍ରା, ସୁଆଙ୍ଗ, ତାମ୍‌ସା ଆଦି ଆଧୁନିକ ନାଟକ ଭିତରେ ଆସନ ଜମେଇ ସହରୀଜନତା ବା ବୁଦ୍ଧିଜୀବୀବର୍ଗର ମନୋରଂଜନର ଖୋରାକ ଯୋଗାଇପାରିଲା । ଏଠି ଲୋକନାଟକର ଫର୍ମ ଏବଂ କଣ୍ଟେଣ୍ଟ ଉଭୟର ନବମୂଲ୍ୟାୟନ ଘଟିଲା ।

୧୯୭୦ ମସିହା ପରଠାରୁ ଓଡ଼ିଆ ନାଟକ କ୍ଷେତ୍ରରେ ଲୋକ ଉପାଦାନର ପ୍ରୟୋଗ ଘଟିଛି । ଓଡ଼ିଆ ନାଟକ ସମେତ ଅନ୍ୟାନ୍ୟ ବିଭାଗରେ ତଥା-ଓଡ଼ିଆ କବିତା, କଥାସାହିତ୍ୟ ଏହି ଲୋକ ଉପାଦାନର ପ୍ରୟୋଗ ରୀତି ଆମେ ଦେଖିବାକୁ ପାଉ । ଓଡ଼ିଆ ନାଟ୍ୟକାରଙ୍କ ମନୋରଂଜନ ଦାସ, ବିଜୟ ମିଶ୍ର, ରତ୍ନାକର ଚଇନି, ରମେଶ ପାଣିଗ୍ରାହୀ, ସୁବୋଧ ପଟ୍ଟନାୟକ ପ୍ରମୁଖଙ୍କ ଅବଦାନଏ କ୍ଷେତ୍ରରେ ସ୍ମରଣୀୟ । ତେବେ

୧୯୮୦ ମସିହା ପରବର୍ତ୍ତୀ କାଳରୁ ଯଦି ସବୁଠାରୁ କେହି ବୈଚିତ୍ର୍ୟମୟ ଢଙ୍ଗରେ ଲୋକ ଉପାଦାନର ପ୍ରୟୋଗ ଓଡ଼ିଆ ନାଟକରେ କରିଥାନ୍ତି, ସେ ହେଉଛନ୍ତି ଡ. ବିଜୟ କୁମାର ଶତପଥୀ ।

ବିଜୟ ଶତପଥୀଙ୍କର ନାଟ୍ୟରୀତିର ବୈଚିତ୍ର୍ୟ ହେଲା, ସେ ଆଙ୍ଗିକରୀତି ଦୃଷ୍ଟିକୁ କେବଳ ଲୋକ ଉପାଦାନକୁ ନେଇନାହାନ୍ତି, ବରଂ କାହାଣୀ ଓ ବକ୍ତବ୍ୟ ସହ ସେ ଏହାକୁ ଫେଣ୍ଟି ଦେଇଛନ୍ତି । ଲୋକ ନାଟ୍ୟଧାରା, ଲୋକବିଶ୍ୱାସ, ଲୋକକାହାଣୀ ଆଦିକୁ ନେଇ ନାଟକ କ୍ଷେତ୍ରରେ ସେ ବ୍ୟାପକ କରିଛନ୍ତି ।

ନାଟ୍ୟକାର ଡ. ଶତପଥୀ ନାଟକ ରଚନା ବ୍ୟତୀତ ସାଂପ୍ରତିକ ସାହିତ୍ୟର ଜଣେ ଅଗ୍ରଗାମୀ ସମାଲୋଚକ ଭାବେ ପରିଚିତ । ସାରସ୍ୱତ ମୂଲ୍ୟାୟନ, ଔପନ୍ୟାସିକ ନିତ୍ୟାନନ୍ଦ, ନୂତନ ମୂଲ୍ୟବୋଧର ନାଟକ, ପ୍ରଗତିବାଦୀ କାବ୍ୟଚେତନା, ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା, ସମାଲୋଚନା ଓ ପର୍ଯ୍ୟାଲୋଚନା ଆଦି ସାର୍ଥକ ସମାଲୋଚନା ଗ୍ରନ୍ଥଗୁଡ଼ିକର ସେ ସ୍ରଷ୍ଟା । ତାଙ୍କ ନାଟକ ମଧ୍ୟରେ 'ଫସିଲର ନିଦ୍ରାଭଙ୍ଗ', 'କ୍ଷୁଧିତ ସରୀସୃପ', 'କର୍ଣ୍ଣ', 'କଂସର ଆତ୍ମା', 'ବିଷାଦ ବୃତ୍ତର କାହାଣୀ', 'କାରାଗାରର କାହାଣୀ', 'କୋକୁଆ', 'ପ୍ରଳୟ କରେ', 'ପକା ପଇସା ଦେଖ୍ ତାମ୍‌ସା', 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ', 'ଶୋଣିତ ସ୍ୱାକ୍ଷର', 'ଏଇ ଯେ ସୂର୍ଯ୍ୟ ଉଏଁ' ସୋସିଆଲ ଟ୍ରାଜେଡ଼ିର ତିନୋଟି ନାଟକ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏତଦବ୍ୟତୀତ ସେ ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ' ଓ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ଲୁହାର ମଣିଷ', ହରେକୃଷ୍ଣ ମହତାବଙ୍କ 'ତୃତୀୟ ପର୍ବ' ପ୍ରଭୃତି ଉପନ୍ୟାସର ନାଟ୍ୟରୂପ ଦେଇଛନ୍ତି ।

୧୯୮୦ ପରବର୍ତ୍ତୀ କାଳରେ ନାଟକରେ ଲୋକ ଉପାଦାନକୁ ବ୍ୟାପକ ପ୍ରୟୋଗ କରିବାରେ ନାଟ୍ୟକାର ଡ. ଶତପଥୀ ସଫଳ ସ୍ରଷ୍ଟାର ମାନ୍ୟତା ପାଇଛନ୍ତି । ତାଙ୍କ ରଚିତ 'ଏଇ ଯେ ସୂର୍ଯ୍ୟ ଉଏଁ', 'ଶୋଣିତ ସ୍ୱାକ୍ଷର', 'ପକା ପଇସା ଦେଖ ତାମ୍‌ସା', 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ' ନାଟକଗୁଡ଼ିକରେ ଲୋକଉପାଦନକୁ ନାଟ୍ୟକାହାଣୀ ସହ କୌଶଳରେ ଗୁନ୍ଥି ପୁଣି ଗଣଚେତନାର ଜାଗୃତି ପାଇଁ ଏହାକୁ ସମାଜ ବିପ୍ଳବ ସହ ଏକୀଭୂତ କରିପାରିଛନ୍ତି ।

ପ୍ରଥମେ 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକ କଥା ବିଚାର କରାଯାଉ । ନାଟ୍ୟକାର ସମସ୍ତ ନାଟକ ତୁଳନାରେ ଉକ୍ତ ନାଟକରେ ଅଧିକ ମାତ୍ରାରେ ଲୋକ ଉପାଦାନର ପ୍ରୟୋଗ ଦେଖିବାକୁ ମିଳେ । ଏହି ନାଟକଟି ଦୁଇଟି ପର୍ଯ୍ୟାୟରେ ଯଥା-ରାଜ୍ୟରାଜୁଡା ସମୟର ପୃଷ୍ଠଭୂମି ଓ ଶିଳ୍ପ ସଭ୍ୟତାର ତଥା ପୁଞ୍ଜିବାଦର ପୃଷ୍ଠଭୂମି ନେଇ ଗଢ଼ିଉଠିଛି । ନାଟକର ପ୍ରଥମ ପର୍ବରେ ମଣିଷ ପ୍ରଥମ ଜୋନ୍‌କୁ ଆଲୋକ ଆସିଲାବେଳକୁ ଖୋଳକର ତାଳ ସହିତ ପ୍ରବେଶ କରିଛନ୍ତି ପାଲାଦଳ । ଗାୟକଙ୍କ ଅନୁପସ୍ଥିତିରେ ହାସ୍ୟରସ ପରିବେଷଣ ଏବଂ ପାଳିଆର ଶାରଳା ବନ୍ଦନା ବେଶ୍ ଉପଭୋଗ୍ୟ ମନେହୁଏ ।

"ମା ଗୋ ଶାରଳା, ଶାରଳା
କଣ୍ଠେ ମୋର କର ଖେଳା ଗୋ ଶାରଳା ।
ଝଙ୍କଡ଼ବାସିନୀ ମା'ଗୋ ଉତ୍କଳଭାରତୀ
ପାଦେ ତୋର ରହିଥାଉ ସଦାମୋର ମତି ।
ମା'ଗୋ ଶାରଳା, ଶାରଳା ।"

(ଏଇ ଯେ ସୂର୍ଯ୍ୟ ଉଏଁ, ପୃଷ୍ଠା ୧୮)

ଏହାପରେ ଗାୟକଙ୍କର ପ୍ରବେଶ ଘଟିଛି । ଗାୟକ ମହାଶୟ ପ୍ରଥମେ ଶ୍ଳୋକ ଆବୃତ୍ତି କରିବାସହ ନାରାୟଣଙ୍କ ସ୍ତୁତିଗାନ କରି ନାଟକର ବିଷୟବସ୍ତୁ ସମ୍ପର୍କରେ ଦର୍ଶକମାନଙ୍କୁ ଅବଗତ କରାଇଛନ୍ତି । ନାଟକର ପ୍ରଥମ ପର୍ବରେ କର୍ଣ୍ଣପୁରର ରାଜା ବୀରାଦିତ୍ୟ ଏବଂ ତାଙ୍କ ସ୍ୱୈରାଚାରୀ ଶାସନରେ ଅତିଷ୍ଠ ପ୍ରଜାଗଣଙ୍କ ସମ୍ପର୍କରେ ନାଟକରେ ଯାହା ପରିବେଷଣ କରାଯିବ, ସେ ସମ୍ପର୍କରେ ପାଲା ଗାୟକ ମହାଶୟ ବର୍ଣ୍ଣନା କରି ଗାଇଛନ୍ତି ନିମ୍ନୋକ୍ତ ମତେ –

"କର୍ଣ୍ଣପୁର ରାଜ୍ୟେ ରାଜା ବୀରାଦିତ୍ୟ
କରୁଥିଲେ ରାଜପଣ
ମନ୍ତ୍ରୀ ଥିଲେ ତାଙ୍କ ଚଣ୍ଡାଦିତ୍ୟ ବୀର
ଅସମ୍ଭବ ଶକ୍ତିମାନ ।
× × ×
ହତ୍ୟା, ବ୍ୟଭିଚାର, ଦୁର୍ନୀତି, ଅନୀତି
ବ୍ୟାପିଥିଲା ରାଜ୍ୟସାରା
ରାଜକର୍ମଚାରୀ ଧରି ବୁଲିଥିଲେ
ତୋଷାମଦର ପସରା ।"

(ଏଇ ଯେ ସୂର୍ଯ୍ୟ ଉଏଁ, ପୃଷ୍ଠା ୨୦)

ଅତୀତର ରାଜାରାଜୁଡ଼ା ଶାସନର ଏକ କାଳ୍ପନିକ ଚିତ୍ର ଦେବାକୁ ଗଲାବେଳେ ନାଟ୍ୟକାର ନାଟକ ପାଇଁ ପାଲାର ଆଙ୍ଗିକକୁ ଗ୍ରହଣ କରିବା ଯେପରି ଯଥାର୍ଥ ମନେହୁଏ । ଅନୁରୂପ ଭାବରେ ଲୋକଶୈଳୀର ଧାରାରେ ସଂଗୀତ ସଂଯୋଜନା ମଧ୍ୟ ଏଥିରେ ଏକାନ୍ତ ହୃଦ୍ୟ ଅଟେ ।

ସେହିପରି ନାଟକର ଦ୍ୱିତୀୟ ପର୍ଯ୍ୟାୟରେ ଏଇ ପାଲାବାଲା ଦଳ ବହିବିକାଳି ଓ ଷ୍ଟ୍ରିଟ୍ ସିଙ୍ଗର ଭାବରେ ରୂପାନ୍ତରିତ ହୋଇଛନ୍ତି । ଏଠାରେ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ସାଂପ୍ରତିକ ସମାଜରେ ଶୋଷଣକୁ ନେଇ ଘଟୁଥିବା ଘଟଣାବଳୀ ଅତୀତର ରାଜରାଜୁଡା ଶାସନ କାଳର ଘଟିଥିବା ଘଟଣାବଳୀଠାରୁ ଭିନ୍ନ ନୁହେଁ, ବରଂ ଅଭିନ୍ନ ଏକ ସୂତ୍ରରେ ସଂଯୋଜିତ । ଏଣୁ ବିଷୟ ଉପସ୍ଥାପକ ପାଇଁ ଭିନ୍ନ ଏକ ଶୈଳୀର ସହାୟତା ନେଇଛନ୍ତି ନାଟ୍ୟକାର । ଏହାହିଁ ହେଉଛି ଲୋକଉପାଦାନ । ଏହି ପର୍ବରେ ପାଲାବାଲା ଦଳ ସଂଗୀତ ପରିବେଷଣ କରୁଛନ୍ତି ଷ୍ଟ୍ରିଟ୍ ସିଙ୍ଗର ଭାବରେ । ଏହି ସଂଗୀତଟି ଚାଞ୍ଚଲ୍ୟକର ମାଳତୀ ହତ୍ୟାକାଣ୍ଡ ଉପରେ ଆଧାରିତ । ହାରମୋନିୟମ, ମୃଦଙ୍ଗ, ବାଉଁଶରେ ବନ୍ଧେଛବି ଧରି ଗାୟକ ଓ ପାଳିଆଙ୍କ ଆବିର୍ଭାବ ଘଟିଛି ଏହି ପର୍ବରେ । ଗାୟକ କାନ୍ଧରେ ଗୋଟିଏ ଝୁଲାବ୍ୟାଗ ଏବଂ ହାତରେ କେତେକଖଣ୍ଡ ଚଟିବହି ଧରି ଗାଇ ଗାଇ ପ୍ରବେଶ କରିଛନ୍ତି । ସେମାନଙ୍କ ପୋଷାକ ଆଧୁନିକ ସମାଜ ସହ ଖାପଖାଇଲା ପରି ପିନ୍ଧିଛନ୍ତି । ଗାୟକ ମହାଶୟ କିରଣ ପୁରରେ ବିଶିଷ୍ଟ ଶିଳ୍ପପତି ଓ ନେତା ଆଉ ତାଙ୍କ ସହକର୍ମୀଙ୍କ ଲାଳସାର ଶିକାର ହୋଇ ମୃତ୍ୟୁବରଣ କରିଥିବା ମାଳତୀ ହତ୍ୟାକାଣ୍ଡକୁ ଗୀତଗାଇ ପରିବେଷଣ କରିଛନ୍ତି । ଦିର୍ଜନମାନେ ପ୍ରବଳ, ନ୍ୟାୟନୀତି କ୍ଷୟପ୍ରାପ୍ତ, ରକ୍ଷକମାନେ

ଭକ୍ଷକ ଏଭଳି କଥା ଗାନ କରିବା ପରେ ଗାୟକ ମାଳତୀ ହତ୍ୟାକାଣ୍ଡ ବହିଟିକୁ ମାତ୍ର ଏକଟଙ୍କାରେ କିଣିବା ପାଇଁ ପ୍ରଚାର କରିଛନ୍ତି ।

ମାଳତୀ ହତ୍ୟାକାଣ୍ଡ ବିଷୟକୁ ଚଟିବହି ବିକାଳୀ ଲୋକପ୍ରିୟ ସଂଗୀତ ଶୈଳୀରେ ଗାନ କରୁଥିବା ଗୀତଟି ଏହପରି –

"ଆସି ହେଲା କଳିକାଳ ଗୋ
ଆସି ହେଲା କଳିକାଳ
ସୁଜନମାନେ ତ ରସାତଳ ଗଲେ
ଦୁର୍ଜନ ହେଲେ ପ୍ରବଳ ।
× × ×
ରାଜାରାଜୁଡ଼ା ତ ଗଲେ ସଙ୍ଗାତରେ
ରାଜାରାଜୁଡ଼ା ତ ଗଲେ
ଗଣତନ୍ତ୍ର ନାମେ ଆଉ ଦଳେ ରାଜା
ଶାସନ ଡୋରି ଧଇଲେ ।
ଦୁଃଖତ ମେଣ୍ଟିଲା ନାହିଁ ସଂଗାତରେ
ଦୁଃଖତ ମେଣ୍ଟିଲା ନାହିଁ
ଅଣ୍ଟିଛୁରୀ ଯଦି ତଣ୍ଟି କାଟିଦିଏ
କାହାକୁ କହିବି ଯାଇ ।"

ନାଟ୍ୟକାର ନାଟକଟିରେ ପାରମ୍ପରିକ ସଂଗୀତ ଓ ବାଦ୍ୟଯନ୍ତ୍ର ସର୍ବମୋଟରେ ପାଲା ପରି ଏକ ଲୋକଉପାଦାନର ସାହାଯ୍ୟରେ ସାଧାରଣ ଦର୍ଶକଙ୍କୁ ମଞ୍ଚଦିଗକୁ ସର୍ବଦା ଆକୃଷ୍ଟ କରାଇପାରିଛନ୍ତି । ଏହି ସଂଗୀତ ମାଧ୍ୟମରେ ସର୍ବକାଳୀନ, ସାର୍ବଜନୀନ ସତ୍ୟର ଉଦ୍‌ଘୋଷଣାରେ ନାଟକ ପାଲଟିଯାଏ ସମାଜ ଶିକ୍ଷକ । ଆଧୁନିକ ମଣିଷର ଜୀବନ ଜିଜ୍ଞାସାକୁ ନେଇ ଏହିପରି ଶ୍ରେଣୀର ନାଟକଗୁଡ଼ିକର ସଞ୍ଚାର ଭୂମି ବିସ୍ତୃତି ଓ ଗଭୀର ।

ସେହିପରି 'ପକା ପଇସା ଦେଖ ତାମ୍‌ସା' ନାଟକକଥା ବିଚାର କରାଯାଇପାରେ । ନାଟକରେ ମୋଗଲ ତାମ୍‌ସା ପରିଏକ ଫୋକ୍ ଏଲିମେଣ୍ଟର ଆଙ୍ଗିକ ନେଇ ନାଟ୍ୟକାର ଏହି ନାଟକରେ ଆମ ଚର୍ତୁପାଶ୍ୱର୍ରେ ଘଟି ଚାଲିଥିବା ସତ ସତିକା ତାମ୍‌ସାକୁ ଦର୍ଶାଇଛନ୍ତି । ଚରିତ୍ରମାନେ ଯେତେଦୂର ଫାସିକାଲ ହେବା କଥା ସେହି ଅନୁଯାୟୀ ସଂଯୋଜିତ ହୋଇଛନ୍ତି ନାଟକରେ । ନାଟକରେ କାହାଣୀ ପରିବେଷିତ ହେଲାବେଳେ ମୋଗଲ ତାମ୍ସାର ରୀତିସଂଗକୁ ଆଜିର ପପୁଲାର ମ୍ୟୁଜିକ୍ ଓ ଡ୍ୟାନ୍ସ ସାହାଯ୍ୟ ନିଆଯାଉଛି । ସମାଜରେ ଚାଲିଥିବା ଠିକାଦାରୀ ସଂସ୍ଥା, ସାଂସ୍କୃତିକ ଦଲାଲୀ, ବିଭିଚାର, ରାଜନୀତିଜ୍ଞ ନେତାମାନଙ୍କର ଶଠତାକୁ ଏହି ମୋଗଲ ତାମ୍ସାର ଆଙ୍ଗୀକରେ ଦୃଶ୍ୟାୟନ କରାଯାଇଛି ।

ନାଟକର ଆରମ୍ଭରେ ମଞ୍ଚରେ ଆଲୋକ ଆସିଲାବେଳକୁ ଯେକୌଣସି ଶିବମନ୍ଦିର ପ୍ରମୁଖ ଭାଗରେ ସତରଞ୍ଜି ବିଛାଯାଇ ତାମ୍‌ସାର ପରିବେଷଣକୁ ଚିତ୍ରଣ କରାଯାଇଛି । ନାଟ୍ୟକାର ଏଠାରେ ବଂଶୀ ବଲ୍ଲଭ ଗୋସ୍ୱାମୀଙ୍କର ମୋଗଲ ତାମ୍‌ସାର ଗୋଟିଏ ଅଂଶ ସଂଯୋଜନା କରିଛନ୍ତି । ଦର୍ଶକମାନେ ଗ୍ୟାଲେରୀରେ କୋଳାହଳ କରିବା ସହ ଜଣେ ଦର୍ଶକ ଆସି ଉପରକୁ ଉଠିଯାଇ ଏହି ତାମ୍‌ସା ବନ୍ଦ କରିବାପାଇଁ ଧମକ ଦେଇଛନ୍ତି। ତା'ର କାରଣ ହେଲା ଯେ ଏସବୁ ଧରଣର ଲୋକନାଟକ ଦେଖିବାପାଇଁ ସେ ପଇସା ଖର୍ଚ୍ଚ କରିନାହାନ୍ତି । କେହି ଆଜିକାଲି ଏଇ ଲୋକନାଟକ ଦେଖିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ନିର୍ଦ୍ଦେଶକଙ୍କୁ କୁହାଯାଇଛି ସାଂପ୍ରତିକ ସମସ୍ୟା ଆଧାରିତ କୌଣସି ନାଟକ ସେମାନେ କରନ୍ତୁ । ପରେ ଆରମ୍ଭ ହୋଇଛି ଆଜିର ତାମ୍‌ସା ଆଧାରିତ ନାଟକ । ନାଟ୍ୟକାର ଚତୁରତାର ସହ ମୋଗଲ ତାମ୍‌ସାର କାହାଣୀକୁ ସଂପ୍ରସାରିତ କରି ଆଣିଛନ୍ତି ଆଜିର ତାମ୍‌ସା ଆଡ଼କୁ ।

ଦୁଇଟି ପୁଅଝିଅ / ନଟନଟୀ ମଞ୍ଚକୁ ଆସି ଲୋକପ୍ରିୟ ସଂଗୀତ ଆଧାରିତ ଡୁଏଟ୍ ପରିବେଷଣ କରିଛନ୍ତି । –

"ତାମସା ଚାଲିଛି ଦେଖିବ ଆସ ଗୋ
ଦେଖିବ ଆସ
ବଡ଼ କଉତୁକ ତାମସା ଏ'ତ
ହୁଏନା ଶେଷ...
ଦେଖିବ ଆସ ।"

ଅର୍ଥର କରାମତି ଆଗରେ ସବୁ ତୁଚ୍ଛ ହୋଇଯାଏ । ବନ୍ଧାପଡ଼ିଯାଏ ମଣିଷପଣିଆ, ମାନବୀୟ ମୂଲ୍ୟବୋଧ । ଏପରିକି କଳା ସାହିତ୍ୟ ସଂସ୍କୃତି ଓ ଶିକ୍ଷାକେନ୍ଦ୍ରରେ ମାଫିଆ ଓ ଦଲାଲମାନଙ୍କର ପ୍ରଭୁତ୍ୱ ବଢିଚାଲେ । ପଇସା ରାଜ୍ ଭିତରେ କିପରି ଦୁନିଆର ସବୁ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି ସେ ସମ୍ପର୍କରେ ନାଟକରେ ନୃତ୍ୟଗୀତ ମାଧ୍ୟମରେ ଉପସ୍ଥାପନ କରାଇଛନ୍ତି ନାଟ୍ୟକାର ।

ଯେପରି : ନାରୀ - ଆଲୋ ମଉସା ଜଡ ପଇସା
ନଡ଼ିଆ ଗୋଟିକ କେତେ ପଇସା

ପୁରୁଷ - ଆଲୋ ମାଉସୀ କ'ଣ କରୁଛୁ ପିଢାରେ ବସି
ଖଇନି ପତର ପାଟିରେ ପକା
ପଇସା ନ ଥିଲେ ଆସିବ ଦକା ।

ପରେ ଦୁହେଁ ମିଳିତ କଣ୍ଠରେ ଗାଇଉଠିଛନ୍ତି –

ଟଙ୍କା ଦେବ ଟଙ୍କା ବ୍ରହ୍ମା ଟଙ୍କା ବିଷ୍ଣୁ ମହେଶ୍ୱର
ଟଙ୍କା ସାକ୍ଷାତ ପରଂବ୍ରହ୍ମ ଆମକୁ ଉଦ୍ଧାର କର ।
ଜୟ ଜୟ ଟଙ୍କା ଜୟ ଦୁନିଆଁର ଟଙ୍କା ସାର
ନାଟରେ ଭଣନ୍ତି ତାହା ବିଜୟ କୁମାର ।

ଲୋକ ପ୍ରବାଦ, ଲୋକସଂଗୀତ ତାଳରେ ନାରୀ ପୁରୁଷ ନାଚିନାଚି ମଞ୍ଚରୁ ବିଦାୟ ନେଇଛନ୍ତି । ସେମାନଙ୍କ ପରେ ମଞ୍ଚରେ ନାଟକର ପ୍ରକୃତ କାହାଣୀ ଅବତାରଣା କରାଯାଇଛି । ତେବେ ଏହି ତାମ୍‌ସା ଆସାର ଓ ଲୋକପ୍ରିୟ ଉପାଦାନର ସମ୍ମିଶ୍ରଣରେ ରଚିତ ନାଟକ 'ପକା ପଇକା ଦେଖ ତାମ୍‌ସା'ରେ ସାଂପ୍ରତିକ କାଳର ରାଜନୈତିକ ବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧ ପଇସାରାଜ୍, ଠିକାଦାରୀ ବ୍ୟବସ୍ଥାର ଉଗ୍ରରୂପକୁ ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି ।

ଏହି ଲକ୍ଷଣ 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ' ନାଟକରେ ଦେଖିବାକୁ ମିଳେ । ଏହି ନାଟକରେ 'ଦାଢିତ୍ୟ ଉକ୍ତି'ର ବିଲ୍ୱମଙ୍ଗଳ ମିଥ୍‌କୁ ପୁନର୍ଗଠନ କରାଯାଇଛି । ନାଟକର ଆରମ୍ଭରେ ମଞ୍ଚଟି ଦୁଇଗୋଟି ଭାଗରେ ବିଭକ୍ତ ହୋଇଛି । ମଞ୍ଚର ସମ୍ମୁଖ ଅଂଶ ତା'ର ପଛଭାଗଠାରୁ କିଛି ପରିମାଣରେ

ଉଚ୍ଚା ହୋଇଛି । ମଞ୍ଚର ସମଗ୍ର ଭାଗକୁ ଆଲୋକ ଆସିଲା ବେଳକୁ ଅନ୍ତରାଳରୁ ଲୋକପ୍ରିୟ ଗୀତିନାଟ୍ୟର ସ୍ୱର ଶୁଣାଯାଇଛି ଓ ପରେ ପରେ ନଟନଟୀ ଗୀତଗାଇ ନାଚି ନାଚି ମଞ୍ଚକୁ ଆସିଛନ୍ତି । ପରେ ସଉରା ନାଚର ଆଙ୍ଗିକ ମାଧ୍ୟମରେ ନଟନଟୀ ଇଷ୍ଟ ବନ୍ଦନା କରି ନୃତ୍ୟ ପରିବେଷଣ କରିଛନ୍ତି । ସେମାନେ କଥୋପକଥନ ଛଳରେ ନାଟକର ସମ୍ପର୍କରେ ଅବଗତ କରାଇ ଚାଲିଯାଇଛନ୍ତି । ପୁଣି ନାଟକରେ ମଝିରେ ମଝିରେ ଆସି ନାଟକ ସହ ଦର୍ଶକମାନଙ୍କୁ ବାନ୍ଧି ରଖିବାର ପ୍ରୟାସ କରିଛନ୍ତି । ବିଶେଷକରି ବଲ୍ଲମଙ୍ଗଳ ଅନ୍ଧହୋଇ କୃଷ୍ଣଙ୍କୁ ଅନ୍ୱେଷଣ କଲାବେଳେ ନଟନଟୀ ଗୀତ ଓ ନୃତ୍ୟ ମାଧ୍ୟମରେ ଏହାର ଇଙ୍ଗିତ ଦେଇଛନ୍ତି –

ନଟୀ : କାହିଁ ଜନପଦ କାହିଁ ସମୁଦ୍ରର କୂଳଲୋ
ସମୁଦ୍ରର କୂଳ ।
ହରି ହରି ବୋଲି ଡାକେ ହୋଇ ସେ ବିକଳ ଲୋ
ହୋଇ ସେ ବିକଳ ।

ନଟ : ଭକତମାନ ଜାଣି ପ୍ରଭୁ ଦଇତାରୀ ହୋ
ପ୍ରଭୁ ଦଇତାରୀ
ପରମ ପୁରୁଷ ସିହ ଦେଲେ କୃପା ବାରି ହୋ
ଦେଲେ କୃପା ବାରିଂ ।

ନଟନଟୀ ଏହିଭଳି ମଝିରେ ମଝିରେ ମଞ୍ଚରେ ଉପସ୍ଥିତ ହୋଇ ଲୋକପ୍ରିୟ ସମେତ ନୃତ୍ୟ ମାଧ୍ୟମରେ କାହାଣୀ ସମ୍ପର୍କରେ ସୂଚନା ଦେବା ସହ ନାଟକୀୟ ଉତ୍କଣ୍ଠାକୁ ବଢାଇଛନ୍ତି ।

'ଶୋଣିତ ସ୍ୱାକ୍ଷର' ନାଟକର ଆଙ୍ଗିକରେ ଲୋକନାଟକର ଶୈଳୀ ଗର୍ଭିତ । 'ଶୋଣିତ ସ୍ୱାକ୍ଷର' ନାଟକରେ ନାଟ୍ୟକାର 'ଖୁଲଣା ସୁନ୍ଦରୀ' ଚରିତ୍ର ବା ନିଶା ମଙ୍ଗଳବାର ଓଷା ମିଥ୍ର ପୁନର୍ଗଠନ କରିଛନ୍ତି । ଏହି ନାଟକଟିକୁ ମଧ୍ୟ ନାଟ୍ୟକାର ଦୁଇଟି ପର୍ଯ୍ୟାୟରେ ଦର୍ଶାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଖୁଲଣା ସୁନ୍ଦରୀ ମିଥ୍ ସହାୟତାରେ ରାଜକୀୟ ପରିବେଶର ଅବତାରଣା କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଶିଳ୍ପପତିର ଶୋଷଣ ଓ ଶିଳ୍ପ ସମାଜର ଦୃଶ୍ୟପଟ୍ଟକୁ ଦର୍ଶାଇ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ନଟନଟୀ ଆସି ଦର୍ଶକଙ୍କୁ ଜୁହାର କରି ଇଷ୍ଟ ବନ୍ଦନା ଗାନ କରିଛନ୍ତି ଓ ପରିବେଷଣ ମଧ୍ୟ କରିଛନ୍ତି । ଇଷ୍ଟ ବନ୍ଦନା ଲୋକଗୀତ ଶୈଳୀର ସଂଯୋଜିତ ହୋଇଛି –

ନଟନଟୀଙ୍କ କଣ୍ଠରେ :

ନଟ : ପ୍ରଥମେ ବନ୍ଦୁଛୁ ଗଣନାଥଙ୍କୁ ଲୋ
ଦ୍ୱିତୀୟେ ଉମାପତିଙ୍କୁ
ତୃତୀୟେ ବନ୍ଦୁଛି ମାତା ସାରଳା ଲୋ
କଣ୍ଠେ ମୋର କର ଖେଳା ... ।

ନଟୀ : ନମସ୍ତେ କମଳା ପତି ଗୋ ନମସ୍ତେ କମଳା ପତି
ତୁମ ଶ୍ରୀପୟରେ ସବୁ ସମୟରେ ରହିଥାଉ ମୋର ମତି ।

ଏହି ଛନ୍ଦରେ ସେମାନେ ଖୁଲଣା ସୁନ୍ଦରୀ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । ପରସ୍ପର କଥୋପକଥନ ଛଳରେ ନଟ-ନଟୀ ସଭାଜନଙ୍କ ମନୋରଂଜନ ପାଇଁ ନୃତ୍ୟ କରି ଖୁଲଣା ସୁନ୍ଦରୀ ପ୍ରସଙ୍ଗ ସହ ଦର୍ଶକଙ୍କୁ ଯୋଡ଼ିବାର ଆଭାସ ଦେଇ ମଞ୍ଚରୁ ଅପସରି ଯିବାପରେ ନାଟକ ଆରମ୍ଭ ହୋଇଛି । ସେହି ଉକ୍ତ ନାଟକରେ ଧନେଶ୍ୱର ସୌଦାଗର କଥା ଓ ଶ୍ରୀଧର ଚରିତ୍ରକୁ ନାଟ୍ୟକାର ପାରମ୍ପରିକ ଲୋକସଂଗୀତ ଶୈଳୀରେ ପରିବେଷଣ କରିଛନ୍ତି । ସାଂପ୍ରତିକ ଆର୍ଥସର୍ବସ୍ୱ ଦୁନିଆରେ ମଣିଷ ଅର୍ଥ ପ୍ରତି ଅହେତୁକ ମୋହ ସମ୍ପର୍କରେ ନଟନଟୀଙ୍କ ମିଳିତ କଣ୍ଠରେ ସଂଯୋଜିତ ଲୋକପ୍ରିୟ ସଂଗୀତ ବେଶ୍ ମନଛୁଆଁ ।

ନଟନଟୀ :ଟଙ୍କାରେ ପିଆରା ଜଗତଟା ସାରା
ସବୁ ଏଠି କିଣାବିକା
ଚାରଣ ନଥିଲେ ପକେଟ ତୁମର
ମରମେ ଆସଇ ଦକା
ହାଏ ଟଙ୍କା ... ହାଏଟଙ୍କା ... ହାଏ ଟଙ୍କା ।

ଦ୍ୱିତୀୟ ପର୍ଯ୍ୟାୟର ଆରମ୍ଭପରେ ନଟ-ନଟୀ ଶିଳ୍ପପତି ପ୍ରିୟଦର୍ଶକଙ୍କ ଶୋଷକ ମନୋମୃତ୍ତି ସମ୍ପର୍କରେ ଦର୍ଶକଙ୍କୁ ଅବଗତ କରାଇଛନ୍ତି । ମୂଲ୍ୟବୋଧକୁ ଧୂଳିସାତ୍ କରି ସମାଜ ବ୍ୟବସ୍ଥାକୁ ବିଶୃଙ୍ଖଳିତ କରୁଥିବା ଘଟଣାଗୁଡ଼ିକ ସମ୍ପର୍କରେ ନଟନଟୀ ବିଦ୍ରୁପାତ୍ମକ ଭାବେ ସୂଚନା ଦେଇ ମଞ୍ଚରୁ ଅପସରି ଯିବାପରେ ଘଟଣା କାହାଣୀ ପୂର୍ବପରି ଗତିଶୀଳ ହୋଇଛି । ନାଟକର ଶେଷଭାଗବେଳକୁ ଶ୍ରୀଧର ପ୍ରତୀକ୍ଷାରେ ଯେତେବେଳେ ସର୍ବହରା ଶ୍ରମିକ ଶ୍ରେଣୀ ଚାହିଁବସିଛନ୍ତି, ସେତେବେଳେ ବି ପୁଣି ଥରେ ନଟନଟୀ ମଞ୍ଚକୁ ଆସି ବ୍ୟଥିତ ହୋଇ ଏକ ସ୍ୱରରେ ଗାଇଛନ୍ତି –

ନଟ ଓ ନଟୀ (ଉଭୟେ କାନ୍ଦଣା ସ୍ୱରରେ) :

ଆକୁଳେ ଖୋଜନ୍ତି ସର୍ବେ ଶ୍ରୀଧର ଶ୍ରୀଧର
ଫେଡଇ ହେବ କଷଣ ଆମ ଫେଡ ଦୁଃଖଭାର
ଦିନରାତି ମାସ ବର୍ଷ ତୁମ ଅପେକ୍ଷାରେ
ବିତିଯାଏ ଲେପି ହୋଇ ଦୁଃଖ କାଢ଼ିପାରେ,
ଆସ ହେ ଶ୍ରୀଧର ଆସ ନୂତନ ସକାଳ
ଶୋଣିତ ସ୍ୱାକ୍ଷର ରଚ ହୋଇଲାଣି ବେଳ ।

ନଟନଟୀ ଗୀତଗାଇ ମଞ୍ଚରୁ ଯିବାପରେ ମଞ୍ଚର ଦ୍ୱିତୀୟ ଜୋନ୍ରେ ନାଟକର ଅନ୍ତିମ ଭାଗ ଅବତାରଣା କରାଯାଇଛି । ଉପସ୍ଥାପନାରେ ଲୋକନାଟକ ଶୈଳୀ ଓ ନାଟକରେ ଲୋକସଂଗୀତ, ଲୋକପ୍ରିୟ ସଂଗୀତର ସଂଯୋଜନା ବ୍ୟତୀତ ଚରିତ୍ର ମୁଖରେ ଆବୃତ୍ତି ଧର୍ମୀ ଶୈଳୀ ଓ ପୁରାଣ ପଠନ ରୀତିକୁ ନାଟ୍ୟକାର ଗ୍ରହଣ କରିଛନ୍ତି । ନାଟ୍ୟକାରଙ୍କ ଯେପରି 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକରେ ଲୋକଉପାଦାନର ପ୍ରୟୋଗ ଦେଖିବାକୁ ମିଳିଥିଲା । ତାହା ଏହି ନାଟକରେ ଆହୁରି ସଂପ୍ରସାରିତ ହୋଇଛି ।

ସେହିପରି ନାଟ୍ୟକାରଙ୍କ ଅନ୍ୟ କେତୋଟି ନାଟକରେ ମଧ୍ୟ ଲୋକଉପାଦାନ ଦେଖିବାକୁ ମିଳେ । 'କଂସର ଆତ୍ମା' ନାଟକରେ 'ରାଜଦରବାର' ଓ ଘୋଷକର ବ୍ୟବହାରରେ ଲୋକ ଉପାଦାନର ଦୃଶ୍ୟ ଅବଲୋକନ କରାଯାଇପାରେ । ଏଥିସହିତ ସଂଳାପ ପ୍ରୟୋଗରେ ଲୋକନାଟକ ଶୈଳୀ /ଯାତ୍ରାଶୈଳୀ/ ଗୀତିନାଟ୍ୟ ଶୈଳୀର ସାର୍ଥକତା ପରିଲକ୍ଷିତ । 'କର୍ଣ୍ଣ' ନାଟକରେ ପ୍ରଥମ ଦୃଶ୍ୟରେ ଯାତ୍ରା କିମ୍ବା

ଗୀତିନାଟ୍ୟର ଆଙ୍ଗିକକୁ ଗ୍ରହଣ କରି ସିରିୟା ଥିଲେ ସୁନ୍ଦର ସୁନ୍ଦର ଉପସ୍ଥାପନା କରିଛନ୍ତି । ଉକ୍ତ ନାଟକର ପ୍ରସ୍ତାବନାରେ ଯୁଦ୍ଧବାଦ୍ୟ ସହ ଅସ୍ତ୍ରଶସ୍ତ୍ରମାନଙ୍କର ଝନତ୍କାର, ଯୁଦ୍ଧାଶ୍ୱମାନଙ୍କର ହେପାରବ, ଯୁଦ୍ଧମାନଙ୍କର ଆସ୍ଫାଳନ, ଯୁଦ୍ଧଭୂମିରେ ଟଳିପଡୁଥିବା ବୀରମାନଙ୍କର ଆର୍ତ୍ତଚିତ୍କାର ପ୍ରଭୃତି ମହାଭାରତର ମହାସମର ପରିବେଶର ଧ୍ୱନ୍ୟାତ୍ମକ ପ୍ରଭାବ ମଧ୍ୟରେ ଯାତ୍ରାର ଆଙ୍ଗିକ ସୃଷ୍ଟି କରାଯାଇଛି । ବିଷାଦ ବୃତ୍ତର କାହାଣୀ ନାଟକରେ କିଞ୍ଚିତଚତ ମାତ୍ରାରେ ଲୋକଉପାଦାନର ପ୍ରୟୋଗ ଦେଖିବାକୁ ମିଳେ ।

ନାଟ୍ୟକାର ବିଜୟ କୁମାର ଶତପଥୀ ନିଜ ନାଟକରେ କେବେ ପାରମ୍ପରିକ ଲୋକନୃତ୍ୟ ତ ଆଉ କେତେବେଳେ ପାଲା, ତାମ୍‌ସା ପୁଣି କୋରସ୍ ମାଧ୍ୟମରେ ନାଟକକୁ ପରିବେଷଣ କରିଛନ୍ତି । ଏହା ସହ ଲୋକପ୍ରିୟ କିମ୍ବଦନ୍ତୀ, ଲୋକ ସଂଗୀତରେ ଶୈଳୀ ପ୍ରୟୋଗ ନାଟକକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରିଛନ୍ତି । ଏହା ସାଂପ୍ରତିକ ପରିପ୍ରେକ୍ଷୀରେ ଦର୍ଶକ / ପାଠକମାନଙ୍କୁ ନାଟକ କ୍ଷେତ୍ରରେ ବାନ୍ଧି ରଖିବା ଏକ ଉତ୍ତମ ପ୍ରୟାସ ।

### ସହାୟକ ଗ୍ରନ୍ଥସୂଚୀ


(୧) ଶତପଥୀ, ଦେବୀପ୍ରସାଦ,'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଲୋକ ଉପାଦାନର ପ୍ରୟୋଗ', ପ୍ରାଚ୍ୟ ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୧୯ ।

(୨) ଦାସ, ହେମନ୍ତ କୁମାର, 'ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ', ବିଦ୍ୟାପୁରୀ, କଟକ, ୨୦୦୮ ।

(୩) ଶତପଥୀ, ବିଜୟ କୁମାର; 'କଂସର ଆତ୍ମା', ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୩, ଦ୍ୱିତୀୟ ପ୍ରକାଶ ।

(୪) ଶତପଥୀ, ବିଜୟ କୁମାର; 'କର୍ଣ୍ଣ', ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୩, ଦ୍ୱିତୀୟ ପ୍ରକାଶ

(୫) ଶତପଥୀ, ବିଜୟ କୁମାର; 'ଶୋଣିତ ସ୍ୱାକ୍ଷର', ଅକ୍ଷର କଲ୍ୟାଣୀନଗର, କଟକ, ୨୦୦୧, ପ୍ରଥମ ପ୍ରକାଶ

(୬) ଶତପଥୀ, ବିଜୟ କୁମାର; 'ପକା ପଇସା ଦେଖ୍ ତାମ୍‌ସା', ନବଦିଗନ୍ତ, କଟକ, ୨୦୧୦, ପ୍ରଥମ ପ୍ରକାଶ

(୭) ଶତପଥୀ, ବିଜୟ କୁମାର; 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ', ଅଗ୍ରଦୂତ, କଟକ, ୨୦୧୧, ୧ମ ପ୍ରକାଶ